# NATIONAL NEWS BULLETIN (ODIA)

**11 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ସରଗରମ

–କଟଓ୍ୱାଠାରେ ନିର୍ବାଚନ ର୍ୟାଲିକୁ ସମ୍ବୋଧିତ କଲେ  ପ୍ରଧାନମନ୍ତ୍ରୀ

- ପଶ୍ଚିମ ଏସିଆରେ ସଂଘର୍ଷ ସମାପ୍ତି ଲକ୍ଷ୍ୟ ନେଇ ଇସ୍‌ଲାମାବାଦଠାରେ ଆଜି ଆମେରିକା ଓ ଇରାନ ମଧ୍ୟରେ ହେବ ପ୍ରତିନିଧି ମଣ୍ଡଳୀସ୍ତରୀୟ ଆଲୋଚନା

- ଡିଜିଟାଲ୍ ଆର୍ଥିକ କାରବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୟୁପିଆଇ ଆଜି ପୂରଣ କରିଛି ଦଶବର୍ଷ

- ବ୍ୟାଡ୍‌ମିଣ୍ଟନ ଏସିଆ ଚମ୍ପିୟାନ୍‌ସିପ୍‌ର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେଲେ ଭାରତର ଆୟୁଷ ସେଟ୍ଟି

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍

---

## ପିଏମ୍–ଡବ୍ଲୁବି କଟଓ୍ୱା

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳପକ୍ଷରୁ ପ୍ରଚାର କାର୍ଯ୍ୟ କ୍ରମଶଃ ଜୋର ଧରୁଛି ।

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡ଼ିକର ଶୀର୍ଷ ନେତୃତ୍ୱ ବିଭିନ୍ନ ସ୍ଥାନରେ ନିର୍ବାଚନ ର୍‍ୟାଲି ଓ ଜନସମାବେଶମାନ କରୁଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କରାଗଲେ ହିଁ ଶରଣାର୍ଥୀ ପୂର୍ଣ୍ଣ ସାମ୍ବିଧାନିକ ଅଧିକାର ପାଇବେ । ପଶ୍ଚିମବଙ୍ଗର କଟୱାଠାରେ ଏକ ନିର୍ବାଚନ ର୍‍ୟାଲୀକୁ ଆଜି ସମ୍ବୋଧିତ କରି ଶ୍ରୀ ମୋଦୀ ଏହା କହିଛନ୍ତି । ସେ କହିଛନ୍ତି, ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ନାଗରିକତା ସଂଶୋଧନ ଆଇନ ଅଧୀନରେ ନାଗରିକତ୍ୱ ପ୍ରଦାନ କରାଯିବ। ଏହି ଅବସରରେ ଶାସକ ତୃଣମୂଳ କଂଗ୍ରେସର ବିଭିନ୍ନ କ୍ଷେତ୍ରରେ ବିଫଳତା ଉପରେ ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ତୃଣମୂଳ କଂଗ୍ରେସ ସରକାର ଅମଳରେ ହୋଇଥିବା ବ୍ୟାପକ ଦୁର୍ନୀତି ଉପରେ ଭାରତୀୟ ଜନତା ପାର୍ଟି ଏକ ଶ୍ୱେତପତ୍ର ପ୍ରକାଶ କରିବ ।

**V/O**

## ଡବ୍ଲୁବି ନୋମିନେସନସ

ପଶ୍ଚିମବଙ୍ଗରେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଯାଞ୍ଚ ଶେଷ ହୋଇଛି । ତେବେ ଦାଖଲ ହୋଇଥିବା ୧ ହଜାର ୫୨୫ଟି ନାମାଙ୍କନପତ୍ର ମଧ୍ୟରୁ ୧ ହଜାର ୪୬୩ଟିକୁ ବୈଧ ଘୋଷଣା କରାଯାଇଥିବା ବେଳେ ୬୨ଟି

ନାମାଙ୍କନପତ୍ରକୁ ଖାରଜ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୧୪୨ଟି ନିର୍ବାଚନ ମଣ୍ଡଳୀକୁ ଅନ୍ତର୍ଭୁକ୍ତ କରାଯାଇଛି । ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଏପ୍ରିଲ୍ ୧୩ ରହିଛି । ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟ୍ ଗ୍ରହଣ ଏପ୍ରିଲ୍ ୨୯ ତାରିଖରେ ହେବ ।

ରାଜ୍ୟ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୧୫୨ଟି ନିର୍ବାଚନ ମଣ୍ଡଳୀରେ ୧ ହଜାର ୪୭୮ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଗତ ନିର୍ବାଚନ ତୁଳନାରେ ପ୍ରାର୍ଥୀଙ୍କ ସଂଖ୍ୟା ସାମାନ୍ୟ ଅଧିକ ରହିଛି । ସର୍ବାଧିକ ୧୫ ଜଣ ପ୍ରାର୍ଥୀ କୁଚ୍‌ବିହାର ଦକ୍ଷିଣ ଏବଂ ଇଟାହାର ଆସନରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସବୁଠାରୁ କମ୍ ୫ ଜଣ ପ୍ରାର୍ଥୀ ଚନ୍ଦ୍ରକଣାରେ ଅଛନ୍ତି । ଏହି ପର୍ଯ୍ୟାୟ ପାଇଁ ମତଦାନ ଚଳିତମାସ ୨୩ ତାରିଖରେ ଅନୁଷ୍ଠିତ ହେବ ।

# ୟୁଏସ୍-ଇରାନ ଟକ୍

ପଶ୍ଚିମ ଏସିଆରେ ସଂଘର୍ଷ ସମାପ୍ତି ଲକ୍ଷ୍ୟ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ପାକିସ୍ତାନର ଇସ୍ଲାମାବାଦରେ ଆଜି ପ୍ରତିନିଧି ମଣ୍ଡଳୀ ସ୍ତରୀୟ ବୈଠକ ବସିବ । ବୈଠକରେ ଯୋଗଦେବା ଲାଗି ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଇସ୍‌ଲାମାବାଦରେ ପହଞ୍ଚିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଭ୍ ଏବଂ ପରାମର୍ଶଦାତା ଜ୍ୟାଡ କୁଷ୍‌ନର ସାମିଲ ହୋଇଛନ୍ତି । ପାକିସ୍ତାନ ଗସ୍ତ ପୂର୍ବରୁ ଉପରାଷ୍ଟ୍ରପତି ଶ୍ରୀ ଭାନ୍ସ ଆଲୋଚନା ସକାରାତ୍ମକ ହେବ ବୋଲି କହିଥିଲେ । ସଦ୍‌ଭାବନାର

ସହିତ ଇରାନ ପ୍ରତିନିଧି ମଣ୍ଡଳୀ ଆଲୋଚନାରେ ଅଂଶ ଗ୍ରହଣ କଲେ ଆମେରିକା ଏଥିରେ ସହଯୋଗ କରିବ ବୋଲି ଶ୍ରୀଭାନ୍ସ କହିଛନ୍ତି ।

ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର୍ ଘାଲିବାଫ୍ଙ୍କ ପ୍ରତିନିଧି ମଣ୍ଡଳୀ ଗତ ସନ୍ଧ୍ୟାରେ ଇସଲାମାବାଦଠାରେ ପହଞ୍ଚି ସାରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଘାଲିବାଫ୍ କହିଛନ୍ତି, ଆଲୋଚନା ଆରମ୍ଭ ପୂର୍ବରୁ ଉଭୟପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଥିବା ଦୁଇଟି ପଦକ୍ଷେପ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ।

ଆଲୋଚନା ଆରମ୍ଭ ହେବା ପୂର୍ବରୁ ଏହା ଉପରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ନେଇ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଆଲୋଚନା କାଳରେ ଇରାନର ପରମାଣୁ ବିକାଶ କାର୍ଯ୍ୟକ୍ରମ, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରସ୍ତୁତି ଏବଂ ହର୍ମୁଜ ପ୍ରଣାଳୀ ସଂପର୍କରେ ଗୁରୁତ୍ୱ ଦିଆଯିବ । ତେହେରାନ୍ ପକ୍ଷରୁ ଏକ ୧୦ସୂତ୍ରୀ କାର୍ଯ୍ୟପନ୍ଥା ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି, ଯେଉଁଥିରେ ହର୍ମୁଜ ପ୍ରଣାଳୀ ଉପରେ ଇରାନର ସଂପୂର୍ଣ୍ଣ ନିୟନ୍ତ୍ରଣ, ଉପସାଗରୀୟ ଅଞ୍ଚଳରେ ଆମେରିକାର ସାମରିକ ଭିତ୍ତିଭୂମି ପ୍ରତ୍ୟାହାର, ୟୁରାନିୟମ ଉପରେ ଅଧିକାର ଏବଂ ଇସ୍ରାଏଲ୍‌ର ଲେବାନନରେ ହେଜବୁଲ୍ଲା ଉପରେ ଆକ୍ରମଣ ବନ୍ଦ କରିବା ଭଳି ପ୍ରସଙ୍ଗ ରହିଛି ।

ଆମେରିକା ପକ୍ଷରୁ ଏହି ପ୍ରସ୍ତାବଗୁଡ଼ିକୁ ସଂପୂର୍ଣ୍ଣ ଭାବେ ଗ୍ରହଣ କରାଯାଇ ନଥିଲେ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପ ପ୍ରସ୍ତାବଗୁଡ଼ିକ ବୁଝାମଣା ଦିଗରେ ସହାୟକ ହେବ ବୋଲି କହିଛନ୍ତି । ପୂର୍ବରୁ ଆମେରିକା ପକ୍ଷରୁ ପରମାଣୁ

ନିରସ୍ତ୍ରୀକରଣ ଏବଂ କ୍ଷେପଣାସ୍ତ୍ର ଉପରେ ପ୍ରତିବନ୍ଧକ ଭଳି ୧୫ ସୂତ୍ରୀ ପ୍ରସ୍ତାବ ଦିଆଯାଇଥିଲା ।

## ୟୁପିଆଇ-୧୦ ଇୟର୍ସ

ଏକୀକୃତ ପେମେଣ୍ଟ ଇଣ୍ଟରଫେସ୍-ୟୁପିଆଇ ଆଜି ଦେଶରେ କାର୍ଯ୍ୟକାରିତାର ୧୦ବର୍ଷ ପୂରଣ କରିଛି । ଏକ ପାଇଲଟ୍ ପ୍ରକଳ୍ପ ଭାବେ ଆରମ୍ଭ କରାଯାଇଥିବା ଏହି ପଦକ୍ଷେପ ଗତ ଦଶନ୍ଧି ମଧ୍ୟରେ ଦେଶର ଆର୍ଥିକ କାରବାରର ମେରୁଦଣ୍ଡ ପାଲଟିଛି । ନଗଦ ଅର୍ଥନୈତିକ ବ୍ୟବସ୍ଥାରୁ ଏହି ପଦକ୍ଷେପ ବାସ୍ତବ ସମୟ ଡିଜିଟାଲ୍ ପେମେଣ୍ଟ ସିଷ୍ଟମକୁ ପରିବର୍ତ୍ତିତ କରିବା ସହ ଅଧିକ ସହଜ ଓ ସରଳ କରିପାରିଛି । ୨୦୧୬ରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଅଧିକ ତ୍ୱରାନ୍ୱିତ ହୋଇଛି । ବ୍ୟବହାରକାରୀଙ୍କୁ ସହଜରେ ଆର୍ଥିକ କାରବାର କରିବାକୁ ଏହି ପଦକ୍ଷେପ ପ୍ରୋତ୍ସାହନ ପ୍ରଦାନ କରିଛି । ଅର୍ଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ବିଶ୍ୱସ୍ତରୀୟ ରିୟଲ୍ ଟାଇମ୍ ପେମେଣ୍ଟ ବ୍ୟବସ୍ଥାରେ ୟୁପିଆଇର ପ୍ରାୟ ୪୯ ପ୍ରତିଶତ ଅଂଶ ରହିଛି । ଏପରିକି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ ଭଳି ସଂସ୍ଥା ୟୁପିଆଇର ଦକ୍ଷତା ଏବଂ ସମାବେଶୀ ବ୍ୟବସ୍ଥାକୁ ସ୍ୱୀକାର କରିଛନ୍ତି । ବିଦେଶରେ ମଧ୍ୟ ୟୁପିଆଇ ନିଜର ସ୍ଥିତି ଜାହିର କରିଛି । ସଂଯୁକ୍ତ ଆରବ ଏମିରଟସ୍, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ, ମରିସସ୍ ଏବଂ କାତାର ଭଳି ଅନେକ ଦେଶରେ ୟୁପିଆଇ ବ୍ୟବସ୍ଥା ଏବେ କାର୍ଯ୍ୟକାରୀ ହୋଇଛି । ଆର୍ଥିକ କାରବାରକୁ ସରଳ, ସ୍ୱଚ୍ଛ, ଦ୍ରୁତ ଏବଂ ସମାବେଶୀ କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ।

## ଫୁଲେ-ପ୍ରେଜ୍, ଭିପି, ପିଏମ୍, ଶାହା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସଂସଦର ପ୍ରେରଣା ସ୍ଥଳରେ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜନ୍ମବାର୍ଷିକରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ମହାତ୍ମା ଫୁଲେ ତାଙ୍କ ଜୀବନକୁ ଅବହେଳିତ ବର୍ଗର ଉନ୍ନତି ପାଇଁ ଉତ୍ସର୍ଗ କରିଥିଲେ । ମହିଳା ଶିକ୍ଷାର ଉନ୍ନତି ପାଇଁ ସେ ସମାଜ ସଂସ୍କାରକ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ।

ଏକ ନ୍ୟାୟପୂର୍ଣ୍ଣ ଏବଂ ସୁସ୍ଥ ସମାଜ ଗଠନ ପାଇଁ ସ୍ୱର୍ଗତ ଫୁଲେ ମୂଳଦୁଆ ସ୍ଥାପନ କରିଥିଲେ ବୋଲି ଉପରାଷ୍ଟ୍ରପତି  ସି.ପି. ରାଧାକ୍ରିଷ୍ଣନ କହିଛନ୍ତି । ସେ କହିଛନ୍ତି, ଶ୍ରୀ ଫୁଲେଙ୍କ ସମାନତା ଭାବ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣର ଆଦର୍ଶ ନୂତନ ପିଢ଼ିକୁ ଏକ ଅନ୍ତର୍ଭୁକ୍ତ ଭାରତ ଗଠନ ପାଇଁ ପ୍ରେରଣା ଯୋଗାଇ ଚାଲିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାନ ସମାଜ ସଂସ୍କାରକଙ୍କୁ ନୈତିକ ସାହସ, ଆତ୍ମନିରୀକ୍ଷଣ ଏବଂ ସମାଜର କଲ୍ୟାଣ ପାଇଁ ଅଟଳ ସମର୍ପଣର ଏକ ପ୍ରେରଣାଦାୟୀ ଉଦାହରଣ ଭାବେ ବର୍ଣ୍ଣନା କରିଛନ୍ତି । ମହାତ୍ମା ଫୁଲେଙ୍କ ୨୦୦ତମ ଜନ୍ମବାର୍ଷିକରେ ତାଙ୍କଦ୍ୱାରା ଲିଖିତ ଏକ ଲେଖାକୁ ଶେୟାର କରି ଶ୍ରୀ ମୋଦୀ କହିଛନ୍ତି, ମହାତ୍ମା ଫୁଲେ ତାଙ୍କର ସମଗ୍ର ଜୀବନ ଶିକ୍ଷା, ଜ୍ଞାନ, ଏବଂ ଲୋକକଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେ । ଫୁଲେଙ୍କ ଜୀବନବ୍ୟାପୀ ସାଧନା ଓ ପ୍ରୟାସ  ବଳିଷ୍ଠ ସମାଜ ଗଠନରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି  ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ  କହିଛନ୍ତି, ଜ୍ୟୋତିବା ଫୁଲେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଥିଲେ । ଶିକ୍ଷାକୁ ସାମାଜିକ ସଂସ୍କାର ପାଇଁ ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ଭାବରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

---

# ଫରେନ୍ ସେକ୍ରେଟାରୀ-ପ୍ୟାରିସ୍ ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଚଳିତମାସ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ୟାରିସ୍ ଏବଂ ବର୍ଲିନକୁ ସରକାରୀ ଗସ୍ତରେ ଯିବେ। ପ୍ୟାରିସ୍‌ରେ ବୈଦେଶିକ ସଚିବ ଫ୍ରାନ୍ସ ବୈଦେଶିକ ମନ୍ତ୍ରଣାଳୟର ମହାସଚିବ ମାର୍ଟିନ୍ ବ୍ରିଏନ୍ସଙ୍କ ସହ ଭାରତ-ଫ୍ରାନ୍ସ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶରେ ସହ-ଅଧକ୍ଷତା କରିବେ । ପ୍ରତିରକ୍ଷା, ବେସାମରିକ ପରମାଣୁ ଶକ୍ତି, ମହାକାଶ, ସାଇବର ଏବଂ ଡିଜିଟାଲ, କୃତ୍ରିମ ବୁଦ୍ଧିମତ୍ତା, ନବସୃଜନ ଏବଂ ଲୋକଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଏବଂ ସାଂସ୍କୃତିକ ସଂପର୍କକୁ ପ୍ରୋତ୍ସାହିତ କରୁଥିବା ପଦକ୍ଷେପ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ ।

ବର୍ଲିନରେ ବୈଦେଶିକ ସଚିବ ଜର୍ମାନ ବୈଦେଶିକ କାର୍ଯ୍ୟାଳୟର ରାଜ୍ୟ ସଚିବ ଡକ୍ଟର ଗେଜା ଆଣ୍ଡ୍ରିଅସ୍ ଭନ୍ ଡେୟରଙ୍କ ସହ ଭାରତ-ଜର୍ମାନୀ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶରେ ସହ-ଅଧ୍ୟକ୍ଷତା କରିବେ ।

ଏହି ଆଲୋଚନା କାଳରେ ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, ପ୍ରଯୁକ୍ତିବିଦ୍ୟା, ସବୁଜ ଶକ୍ତି, ଶିକ୍ଷା ସହିତ ପାରସ୍ପରିକ ସ୍ୱାର୍ଥ ବିଜଡ଼ିତ ବିଶ୍ୱ ଏବଂ ଆଞ୍ଚଳିକ ପ୍ରସଙ୍ଗ ସମେତ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ହେବ । ବୈଦେଶିକ ସଚିବ ଉଭୟ ସ୍ଥାନରେ

ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବରିଷ୍ଠ ସରକାରୀ ଅଧିକାରୀମାନଙ୍କୁ ମଧ୍ୟ ସାକ୍ଷାତ କରିବେ ବୋଲି ଆଶା କରାଯାଉଛି । ଏହି ଗସ୍ତ ଫ୍ରାନ୍ସ ଏବଂ ଜର୍ମାନୀ ସହିତ ଦ୍ୱିପାକ୍ଷିକ ସଂପର୍କର ସଂପୂର୍ଣ୍ଣ ସମୀକ୍ଷା କରିବା ସହିତ ପ୍ରମୁଖ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ଚାଲିଥିବା ସହଯୋଗକୁ ବୃଦ୍ଧି କରିବ ବୋଲି ଜଣାପଡ଼ିଛି ।

## ବ୍ୟାଡମିଣ୍ଟନ

ବ୍ୟାଡମିଣ୍ଟନ ଏସିଆ ଚମ୍ପିୟାନ୍‌ସିପ୍‌ର ଫାଇନାଲ୍ ପର୍ଯ୍ୟାୟକୁ ଭାରତର ଆୟୁଷ ସେଟ୍ଟି ଉନ୍ନୀତ ହୋଇଛନ୍ତି । ପ୍ରତିଯୋଗିତାର ଶୀର୍ଷ ମାନ୍ୟତାପ୍ରାପ୍ତ ତଥା ପୂର୍ବତନ ବିଜେତା କୁନ୍‌ଲାଭୁଟ ଭିଟି ଡସାର୍ନଙ୍କୁ ଶ୍ରୀ ସେଟ୍ଟି ସେମିଫାଇନାଲ୍ ପର୍ଯ୍ୟାୟରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛନ୍ତି । ଫାଇନାଲ୍ ପର୍ଯ୍ୟାୟରେ ଶ୍ରୀ ସେଟ୍ଟି ତାଇପେ ଏବଂ ଚୀନ୍‌ର ପ୍ରତିଯୋଗୀଙ୍କ ମଧ୍ୟରେ ହେବାକୁଥିବା ସେମିପାଇନାଲ୍ ପର୍ଯ୍ୟାୟ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ । ଏହି ସଫଳତା ସହିତ ଶ୍ରୀ ସେଟ୍ଟି ପ୍ରତିଯୋଗିତାର ପୁରୁଷ ଏକକ ବର୍ଗ ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ଦୀନେଶ ଖାନ୍ନା ପ୍ରଥମ ଭାରତୀୟ ଭାବେ ଏହି ସଫଳତା ହାସଲ କରିଥିଲେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ନିଉ ଚଣ୍ଡୀଗଡ଼ସ୍ଥିତ ମହାରାଜା ଯଜୁବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ  ଅନୁଷ୍ଠିତ ହେବ । ସନ୍ଧ୍ୟା

୭ଟା ୩୦ ମିନିଟ୍‌ରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ୱିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଥିଲା ।